DOI : https://doi.org/10.5281/zenodo.15253275

ମୂଳ ପ୍ରବନ୍ଧ

# ବାଥୁଡ଼ି ସଂପ୍ରଦାୟର ବିବାହ ପରଂପରା

ରାଜା କୁମାର ନାଏକ

**ସଂକ୍ଷିପ୍ତସାର :**

ବାଥୁଡ଼ି ସଂପ୍ରଦାୟ ମୁଖ୍ୟତଃ ମୟୂରଭଂଜ, କେନ୍ଦୁଝର ଓ ବାଲେଶ୍ୱରର ନୀଳଗିରି ଅଂଚଳରେ ବସବାସ କରନ୍ତି। ଏହିସଂପ୍ରଦାୟ ପିଲାଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ପାରଂପାରିକ ବିଧିବିଧାନ ପାଳନ କରିଥାନ୍ତି। ଠିକ୍‌ସେହିପରି ଏ ସଂପ୍ରଦାୟର ଝିଅଦେଖାଠାରୁ ବିବାହଶେଷ ପର୍ଯ୍ୟନ୍ତ ବହୁ ପାରଂପାରିକ ରୀତିନୀତି ଏବେ ମଧ୍ୟ ପ୍ରଚଳିତ ରହିଛି। ପୁଅ ବିବାହ ଯୋଗ୍ୟ ହେଲେ ବାପା ମାଆ ପୁଅ ପାଇଁ ବିଭିନ୍ନ ଗ୍ରାମକୁଯାଇ ଝିଅ ଦେଖନ୍ତି। ଏହାକୁ ବାଥୁଡ଼ି ସଂପ୍ରଦାୟର କନିଆଁ ଦେଖାକୁହାଯାଏ । କନିଆଁ ଦେଖାଠାରୁ ବିବାହ ଶେଷହେବା ଯାଏ ଦାଣ୍ଡିଆ (ମଧ୍ୟସ୍ଥି)ର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏତତ ବ୍ୟତିତ ଗ୍ରାମଦେହୁରୀ, ଯୁବକ ଯୁବତୀ ମଧ୍ୟ ବିବାହ ସମୟରେ ମୁଖ୍ୟସ୍ଥାନ ନେଇଥାନ୍ତି। ବିବାହର ପ୍ରତ୍ୟେକ ସେପାନରେ ଗ୍ରାମର ଯୁବକ ଯୁବତୀ ବିଭିନ୍ନ ରୀତିନୀତି ସହିତ ଜଡ଼ିତ ହୁଅନ୍ତି ଏବଂ ନିଜସ୍ୱ ପରଂପରା ଅନୁସାରେ ସେମାନେ ଗୀତବୋଲି ଲୋକଙ୍କୁ ସରସ ଓ ରୁଚିପୂର୍ଣ୍ଣ କରିଥାନ୍ତି । ବର୍ତ୍ତମାନ ଏସବୁ ପରଂପରା ଧୀରେ ଧୀରେ କ୍ଷୟ ହେବାକୁ ବସିଲାଣି କାରଣ ଏ ସମାଜର ଲୋକ ଶିକ୍ଷିତ ହେବା ଫଳରେ ଆଧୁନିକ ରୀତିନୀତି ଅନୁସାରେ ବିବାହ କାର୍ଯ୍ୟ ସଂପନ୍ନ କରୁଛନ୍ତି। ଏ ଜାତି ତାର ନିଜସ୍ୱ ସଂସ୍କୃତି ଓ ପରଂପରାକୁ ଧରି ରଖିବାକୁ ହେଲେ ଏଥିପ୍ରତି ଏବେରୁଧ୍ୟାନ ଦେବାକୁ ହେବ।

**ପ୍ରମୁଖ ଶବ୍ଦାବଳୀ :**

ଦାଣ୍ଡିଆ, ପଣପାଣି, ଗୁଆଭଙ୍ଗା, ହଳଦିଆପତ୍ର, ଗନ୍ଧାଦିଆ, ମାଟିଖୋଳା, ଢାଙ୍ଗୁଅ ।, ଢାଙ୍ଗୁଳି, ସୁନାକି, ବେଭାର, ପିନ୍ଧାଣି, ବୋହୂବରଣୀ, ଦେଓମଙ୍ଗଳା।

ବିବାହ ଏକ ପବିତ୍ର ବନ୍ଧନ। ବିହାହ କହିଲେ ସାଧାରଣତଃ ଜଣେ ପୁରୁଷ ଜଣେ ମହିଳାଙ୍କ ସହିତ ସମାଜିକ ଓ ଆଇନଗତ ସ୍ୱୀକୃତି ସହିତ ସହାବସ୍ଥାନ ଓ ପରସ୍ପର ପ୍ରତି ଏବଂ ସେମାନଙ୍କର ପିଲାମାନଙ୍କ ଓ ସଂପର୍କିୟ ପ୍ରତି ଅନ୍ତର୍ନିହିତ ଅଧିକାର ଓ କର୍ତ୍ତବ୍ୟକୁ ବୁଝାଏ। ବିବାହ ସହିତ ପାରିବାରିକ, ସାମାଜିକ, ଅର୍ଥନୈତିକ ଓ ଧର୍ମୀୟ ଭାବୁକତା ମଧ୍ୟ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ଆଉ କେତେକ ବିବାହ ସଂପର୍କରେ ମତ ଦେବାକୁ ଯାଇ କହିଛନ୍ତି– ସମାଜ ଦ୍ୱାରା ଶୃଙ୍ଖଳିତ,ଗୃହୀତ ଓ ସ୍ୱୀକୃତି ଯୌନ ସମ୍ଭୋଗ ବିଧିବିଧାନକୁ ବିବାହ କୁହାଯାଏ। ଆଉ କିଛି କୁହନ୍ତି – ବିବାହ ହେଉଛି ବଂଶରକ୍ଷା ଓ ସମାଜ ରକ୍ଷା ସକାଶେ ପୁରୁଷ ଓ ସ୍ତ୍ରୀର ମିଳନ ଓ ପରିଣୟ। ମଣିଷର ଯୌନଜୀବନକୁ ଶୃଙ୍ଖଳିତ ଓ ସୁନିୟନ୍ତ୍ରିତ କରି ଏକ ସ୍ୱଚ୍ଛ ସାମାଜିକ ଜୀବନ ପ୍ରବାହ ଅବ୍ୟାହତ ରଖିବା ବିବାହର ମୂଳ ଲକ୍ଷ୍ୟ। ଏଥିପାଇଁ ଭାରତୀୟ ପରଂପରାରେ ବିବାହକୁ ସମ୍ଭୋଗ ସର୍ବସ୍ୱଭାବେ ଗ୍ରହଣ କରାଯାଇ ନାହିଁ। ଏହା ମଣିଷକୁ ଆଙ୍ଗିକ ତଥା ଆତ୍ମିକ ପୂର୍ଣ୍ଣତା ପ୍ରଦାନ କରିବା ସହିତ ପାରମାର୍ଥିକ ଅଭିଷ୍ଟ ସାଧନ କରିବାରେ ସହାୟତା କରେ ବୋଲି ଲୋକଙ୍କ ବିଶ୍ୱାସ ରହିଛି।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15253275

Article No - BPP00282

**ଯୋଗାଯୋଗ :**

**ଡକ୍ଟର ରାଜା କୁମାର ନାଏକ,** ସହକାରୀ ପ୍ରଫେସର, ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

**Email :** rajakumar.naik@gmail.com

**ORCID ID:** https://orcid.org/0009-0002-4628-4195

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୨.୨୦୨୪ | ୧୦.୦୨.୨୦୨୫ | ୨୫.୦୩.୨୦୨୫ | ୧.୦୪.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାଏକ, ରାଜ କୁମାର; ୨୦୨୫। ବାଥୁଡ଼ି ସଂପ୍ରଦାୟର ବିବାହ ପରଂପରା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : କ; ପୃଷ୍ଠା :୯–୧୫।

ଓଡ଼ିଶାରେ ବସବାସ କରୁଥିବା ବାଷଠି ପ୍ରକାର ଆଦିବାସୀ ସଂପ୍ରଦାୟର ବିବାହରେ କିଞ୍ଚିତ୍ ଭିନ୍ନ ଭିନ୍ନ ଶୈଳୀ ଦେଖିବାକୁ ମିଳେ। ମୟୂରଭଂଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ନୀଳଗିରି ଅଞ୍ଚଳରେ ବସବାସ କରୁଥିବା ବାଥୁଡ଼ି ସଂପ୍ରଦାୟର ଲୋକଙ୍କର ମଧ୍ୟ ବିବାହ ସମୟରେ ବିଭିନ୍ନ ପ୍ରକାର ପରଂପରା ଦେଖିବାକୁ ମିଳେ। ବାଥୁଡ଼ି ସଂପ୍ରଦାୟରେ ପୁଅ ଝିଅ ବିବାହ ଯୋଗ୍ୟ ହେଲେ ବାପା ମାଆ ପୁଅ ଝିଅଙ୍କୁ ବିବାହ କରାଇ ଦିଅନ୍ତି। ବାଥୁଡ଼ି ସଂପ୍ରଦାୟର ବିବାହର ପ୍ରଥମ ସୋପାନ ହେଉଛି କନିଆଁ ଝିଅ ଦେଖା। ପୁଅ ବିବାହ ବୟସର ହୋଇ ଗଲେ ବାପା ମାଆ ପୁଅକୁ ଝିଅ ଦେଖିବା ପାଇଁ ପ୍ରବର୍ତ୍ତାଇଥାନ୍ତି। ବାପା ମାଆଙ୍କ ପରାମର୍ଶ ଅନୁସାରେ ପୁଅନିଜର ସାଙ୍ଗସାଥିଙ୍କୁ ଧରି ଅନ୍ୟ ଗ୍ରାମକୁ ଝିଅ ଦେଖିବାକୁ ଯାଏ। ପୁଅର ଝିଅ ପସନ୍ଦ ଯୋଗ୍ୟ ହେଲେ, ପୁଅର ବାପା ନିଜ ଗ୍ରାମର ଜଣେ ଲୋକଙ୍କୁ ମଧ୍ୟସ୍ଥି କରି ଝିଅ ଘରକୁ ପଠାନ୍ତି। ଏହି ମଧ୍ୟସ୍ଥିଙ୍କୁ ବାଥୁଡ଼ି ସଂପ୍ରଦାୟରେ ଡାଣ୍ଡିଆ ବା ଦାଣ୍ଡିଆ କହନ୍ତି । ଦାଣ୍ଡିଆ ବା ମଧ୍ୟସ୍ଥି କନିଆଁ ଘର ଗାଁକୁ ଯିବାବେଳେ ଚାଉଳ,ବିରି ନେଇ ଯାଆନ୍ତି କିନ୍ତୁ ବର୍ତ୍ତମାନ ତାହା ଦେଖିବାକୁ ମିଳୁ ନାହିଁ। ଏବେ ମଧ୍ୟସ୍ଥି ବା ଦାଣ୍ଡିଆ ଝିଅ ଘରକୁ ଗଲାବେଳେ ଚାଉଳ,ବିରି ପରିବର୍ତ୍ତେ ମିଠା,କଦଳୀ ଇତ୍ୟାଦି ନେଇଯାଆନ୍ତି। ଦାଣ୍ଡିଆ ଝିଅ ଘରକୁ ସିଧାସଳଖ ନଯାଇ ସେହି ଗ୍ରାମର ନିଜ ସଂପର୍କୀୟ ବନ୍ଧୁବାନ୍ଧବ କିମ୍ବା ଦୂର ସଂପର୍କୀୟ ଘରକୁ ଯାଆନ୍ତି। ତାଙ୍କ ମାଧ୍ୟମ ଦେଇ ଝିଅ ଘରକୁ ଯାଆନ୍ତି। ପୂର୍ବେ ଦାଣ୍ଡିଆ ସଙ୍ଗରେ ଧରିଥିବା ଚାଉଳ ଏବଂ ବିରି ନିଜ ବନ୍ଧୁବାନ୍ଧବ ଘରେ ଦେଇ ରୋଷେଇ କରିବାପାଇଁ ଅନୁରୋଧ କରିଥାନ୍ତି, କାରଣ କାହା ଘରେ ଖାଇ ଋଣୀ ହେବାକୁ ସେ ଚାହାନ୍ତି ନାହିଁ। ସଂପ୍ରତି ଏପ୍ରଥା ବାଥୁଡ଼ି ସଂପ୍ରଦାୟରେ ଲୋପପାଇ ଗଲାଣି। ବରପକ୍ଷ ଓ କନିଆଁ ପକ୍ଷ ଦାଣ୍ଡିଆ ବା ମଧ୍ୟସ୍ଥି ଉଭୟ ମିଶି ଝିଅ ଘରକୁ ଯାଆନ୍ତି। ଝିଅ ଘରେ ଝିଅର ବାପା,ମାଆ,କାକା, ଖୁଡୀ ଏବଂ ସଂପର୍କୀୟଙ୍କ ସହିତ କଥାବର୍ତ୍ତା କରିବା ସହିତ ତାଙ୍କର ଆସିବାର ଉଦ୍ଦେଶ୍ୟକୁ ଜଣାଇଥାନ୍ତି। ବରପକ୍ଷ ଦାଣ୍ଡିଆ ବା ମଧ୍ୟସ୍ଥି ପୁଅ ଘର ସମସ୍ତ କଥା କହିଥାନ୍ତି। ଝିଅର ପିତା,ମାତା କଥା ଶୁଣିବା ପରେ ସେମାନେ ନିଜର ମତାମତ ପ୍ରଦାନ କରିଥାନ୍ତି। ବେଳେ ବେଳେ ବରପକ୍ଷ ମଧ୍ୟସ୍ଥି ବହୁଥର ଝିଅଘରକୁ ଯାଇଥିଲେ ହେଁ କୌଣସି ଉତ୍ତର ମିଳିନଥାଏ। ବାଥୁଡ଼ି ସଂପ୍ରଦାୟରେ ଝିଅଘରକୁ ଯେତେଥର ଯିବାକୁ ହେଉ ଅବା ଖବର ପଠାଇବା ପାଇଁ ହେଉ, ତାହା ଉଭୟ ପକ୍ଷ ଦାଣ୍ଡିଆ ବା ମଧ୍ୟସ୍ଥିଙ୍କ ମାଧ୍ୟମ ଦ୍ୱାରା ହିଁ ହୋଇଥାଏ। ଦାଣ୍ଡିଆର ଅଜାଣତରେ କୌଣସି କଥା ହୋଇପାରେ ନାହିଁ। ବର୍ତ୍ତମାନ ପୂର୍ବରୁ ପ୍ରଚଳିତ ଏପ୍ରଥା ଲୋପ ହୋଇ ଗଲାଣି କାରଣ ଆମେ ସମସ୍ତେ ଆଧୁନିକତାରେ ପାଦ ଥାପିଛେ। ବର୍ତ୍ତମାନ ଆମ ସମସ୍ତଙ୍କ ହାତରେ ମୋବାଇଲ ଫୋନ୍ ତେଣୁ ବିଳମ୍ବ ହେଲେ ଉଭୟ ପକ୍ଷ ଫୋନ୍ ମାଧ୍ୟମରେ ନିଜର ମତାମତ ପ୍ରଦାନ କରିଥାନ୍ତି। କିନ୍ତୁ ପୂର୍ବେ ଦାଣ୍ଡିଆର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ଉଭୟ ପକ୍ଷ ପ୍ରସ୍ତାବରେ ସହମତି ପ୍ରଦାନ କଲେ କଥା ଆଗକୁ ବଢିଥାଏ।

ବାଥୁଡ଼ି ସଂପ୍ରଦାୟର ଦ୍ୱିତୀୟ ସୋପାନ ହେଉଛି ଘରବର ଦେଖା। ବାଥୁଡ଼ି ସଂପ୍ରଦାୟର ଘରବର ଦେଖା ଅର୍ଥ ହେଉଛି ଝିଅ ଘର ପକ୍ଷରୁ କିଛି ବନ୍ଧୁବାନ୍ଧବ, ଆତ୍ମୀୟ ସଜନ ଓ ଗାଁର ମୁରବୀ ସ୍ଥାନୀୟ ଲୋକ ବରଘରକୁ ବା ପୁଅ ଘରକୁ ଯାଆନ୍ତି। କନ୍ୟାପକ୍ଷରୁ ଯାଇଥିବା ସମସ୍ତ ବ୍ୟକ୍ତିଙ୍କୁ ବରଘର ତରଫରୁ ଯଥାଚିତ ସମ୍ମାନ ପ୍ରଦାନ କରାଯାଇଥାଏ। ବରଘର ଦେଖିବାକୁ ଯାଇଥିବା ସମସ୍ତ ବ୍ୟକ୍ତିଙ୍କୁ ଏବଂ ପୁଅଘରେ ଉପସ୍ଥିତ ଥିବା ବନ୍ଧୁବାନ୍ଧବ ଓ ଗ୍ରାମର ଲୋକଙ୍କୁ ଭୋଜିଭାତରେ ଆପ୍ୟାୟିତ କରାଯାଇଥାଏ। ବିଦାୟ ସମୟରେ କନ୍ୟାପକ୍ଷର ଯାଇଥିବା ସମସ୍ତ ବ୍ୟକ୍ତଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥାଏ। ପ୍ରତ୍ୟେକ ଜନଜାତିର କିଛିନା କିଛି ଲୋକବିଶ୍ୱାସ ରହିଛି, ବାଥୁଡି ସଂପ୍ରଦାୟର ଲୋକମାନଙ୍କ ପାଖରେ ମଧ୍ୟ ଲୋକବିଶ୍ୱାସ ଦେଖାଯାଏ। ବିବାହ ହେଉଛି ଏକ ଶୁଭ କାର୍ଯ୍ୟ ତେଣୁ ଘରୁ ଶୁଭଧରି ବାହାରିଲା ବେଳେ, ଗାଈ ବା ବଳଦ ରୋଡିଛାଡିବା,ବିନା କାରଣରେ ଗଛରୁ ଡାଳଭାଙ୍ଗିବା ଓ ପାଣି ମାଠିଆ ଭାଙ୍ଗିଯିବା ସଂକେତ ଦେଖିଲେ ଅଶୁଭ ବୋଲି ଧରିଥାନ୍ତି । ତେଣୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶୁଭ ଦିନ ଦେଖି ଉଭୟ ପକ୍ଷ ଉଭୟଙ୍କ ଘରକୁ ଯାତ୍ରା କରିଥାନ୍ତି। ବାଥୁଡ଼ି ସଂପ୍ରଦାୟର ବିଶ୍ୱାସ ଅଛି ଆରମ୍ଭରୁ ଶୁଭ ହେଲେ ସମସ୍ତ କାର୍ଯ୍ୟ ଶୁଭ ହେବ।

'ବରଘରଦେଖା' ଶେଷ ହେଲା ପରେ ପଣପାଣି କଥା ଆସେ। ପଣପାଣି କହିଲେ ପୁଅପକ୍ଷ ଝିଅଘରକୁ କିଛି ଅଳ୍ପ ପରିମାଣର ଅର୍ଥ (ନଅ ଟଙ୍କା କିମ୍ବା ଏଗାର ଟଙ୍କା ବା ସାମର୍ଥ ଅନୁସାରେ) ଲୁଗା,ଶାଢୀ,ଚାଉଳ,ଛେଳି ଇତ୍ୟାଦି ସକ୍ଷମ ଅନୁସାରେ ପ୍ରଦାନ କରିବା। ପଣପାଣି ପାଇଁ ଏକ ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ କରାଯାଇଥାଏ।ଧାର୍ଯ୍ୟ କରାଯାଇଥିବାତାରିଖ ଦିନ ବରପକ୍ଷର କିଛି ବନ୍ଧୁବାନ୍ଧବ ଏବଂ ଗ୍ରାମର ମୁଖିଆ ଲୋକ କନ୍ୟାଘରକୁ ଯାଆନ୍ତି। କନ୍ୟା ଘରର ବନ୍ଧୁବାନ୍ଧବ ଏବଂ ଗ୍ରାମର ମୁରବୀଙ୍କ ଉପସ୍ଥିତିରେ ପଣକଥା ଆଲୋଚନା କରାଯାଏ। ଏ ଦୃଷ୍ଟିରୁ ବିଚାର କଲେ ବାଥୁଡ଼ି ସଂପ୍ରଦାୟରେ କନ୍ୟାସୁନା ପ୍ରଥା ପୂର୍ବେ ପ୍ରଚଳିତ ଥିଲା, ସଂପ୍ରତି ତାହା ଲୋପ ପାଇଗଲାଣି। ବାଥୁଡ଼ି ସଂପ୍ରଦାୟରେ ବିଶ୍ୱାସ ରହିଛି ସୁନାକି ବିନା ମୂଲ୍ୟରେ ଦିଆଯାଏ ନାହିଁ, ତେଣୁ କନ୍ୟାଦାନ ପୂର୍ବରୁ କିଛି ପଣ ଦେଇଥାନ୍ତି। ଏହି ସଂପ୍ରଦାୟରେ ପଣ ନରଖି ଝିଅ ବିଦାୟୟକଲେ,

ଝିଅ ପକ୍ଷର ଯେ କେହି ଲୋକ ପୁଅ ଘରକୁ ଗଲେ ସେଠାରେ କୌଣସି ଖାଦ୍ୟ ଗ୍ରହଣ କରିବେ ନାହିଁ। ଯଦି ଗ୍ରହଣ କରିବେ କିଛି ମୂଲ୍ୟ ଦେବାକୁ ପଡିଥାଏ। ତେଣୁ ବାଥୁଡ଼ି ସଂପ୍ରଦାୟରେ ପଣକଥା ଅଳ୍ପ ବହୁତଏବେ ମଧ ରହି ଆସିଛି। 'ପଣପାଣି' କଥା ଉଭୟ ପକ୍ଷ ଏକତ୍ର ବସି ଉପସ୍ଥାପନ କରିଥାନ୍ତି। ଏବେ ମଧ ଏ ପ୍ରଥା ପ୍ରଚଳିତ ଥିଲେ ହେଁ, ସେଥିରେ ବହୁ ପରିବର୍ତ୍ତନ ଦେଖାଦେଇଛି। ବରପକ୍ଷ ପଣ ଦେବାକୁ ସହମତି ପ୍ରକାଶ କଲେ,ବନ୍ଧୁ ହେଲା ବୋଲି ମାନ୍ୟ ଆକାରରେ କନ୍ୟାପକ୍ଷକୁ ଗୋଟିଏ ଚଉପଦିରେ କିଛି ଅର୍ଥ , ଏପରି କି ଏକଟଙ୍କା ହେଉପଛେ ସମସ୍ତଙ୍କ ସମ୍ମୁଖରେ ପ୍ରଦାନ କରିବାକୁ ହୁଏ। ଏହାକୁ କନ୍ୟା ପକ୍ଷ ଗ୍ରହଣ କରିଥାନ୍ତି, ଏଥିରୁ ଧରିନିଆଯାଏ ପଣ ସ୍ଥିର ହେଲା ବୋଲି। ଶେଷରେ ବର ପକ୍ଷ ଏବଂ ଉପସ୍ଥିତ ଥିବା ଲୋକଙ୍କୁ ସକ୍ଷମ ଅନୁସାରେ ଭୋଜିଭାତ ଦେଇ ଆପ୍ୟାୟିତ କରିଥାନ୍ତି। ଭୋଜିଭାତରେ ଆପ୍ୟାୟିତ କଲାପରେ ବରପକ୍ଷ ଲୋକଙ୍କୁ ପାଦରେ ଅଳତା ଲଗାଇ ଯଥାଚିତ ସମ୍ମାନ ସହକାରେ ବିଦାୟ ଦେଇଥାନ୍ତି । କିନ୍ତୁ ବର୍ତ୍ତମାନ ଝିଅକୁ ପଣଦେବା ପରିବର୍ତ୍ତେ ପୁଅ ଝିଅ ଘରେ ଯୌତୁକ ଦାବିକରୁଛନ୍ତି । ଏହି କଳଙ୍କିତ ପ୍ରଥାକୁ ବାଥୁଡ଼ି ସଂପ୍ରଦାୟ ମଧ ଗ୍ରହଣ କରିନେଇଛି ।

ପଣପାଣିର ପରବର୍ତ୍ତୀ ପର୍ଯ୍ୟାୟ ହେଉଛି ଗୁଆଭଙ୍ଗା,ଲଗ୍ନଧରା ବା ହଳଦିଆ ପତ୍ର। ଗୁଆଭଙ୍ଗା, ଲଗ୍ନଧରା ବା ହଳଦିଆ ପତ୍ର ଅର୍ଥହେଉଛି ବିବାହ ତାରିଖ ନିର୍ଦ୍ଧାରଣ କରିବା। ଏହି କାର୍ଯ୍ୟପାଇଁ ପୁଅ ଘର ଲୋକ ଝିଅ ଘରକୁ ଯାଆନ୍ତି। ଗୁଆଭଙ୍ଗାର ବିଶେଷତ୍ୱ ହେଉଛି, ଗୋଟାଏ ଗୋଟାଗୁଆକୁ ଶିଳରେ ସାତଗୋଟି ଶାଳପତ୍ର ଖୋଲିମଧରେ ରଖି ଶିଳପୁଆ ସାହାର୍ଯ୍ୟରେ ଭଙ୍ଗାଯାଏ ତାପରେ ସେହି ଖଣ୍ଡଗୁଆ ଉପସ୍ଥିତ ଲୋକଙ୍କମଧରେ ବାଣ୍ଟିଦିଆଯାଏ,ଏହାକୁ ବାଥୁଡ଼ି ସଂପ୍ରଦାୟରେ ଗୁଆଭଙ୍ଗା ବା ଲଗ୍ନଧରା କହିଥାନ୍ତି। ଏହି କାର୍ଯ୍ୟ ସଂପନ୍ନ ହେଲେ ଉଭୟପକ୍ଷ ନିଜର ଆତ୍ମୀୟ ସଜନ,ବନ୍ଧୁବାନ୍ଧବ ଓ ଗ୍ରାମର ଲୋକଙ୍କୁ ଗୁଆ ଦେଇ ନିର୍ଦ୍ଧାରିତ ହୋଇଥିବା ବିବାହ ତାରିଖରେ ଯୋଗଦେବାକୁ କହିଥାନ୍ତି। ସଂପ୍ରତିକ ସମୟରେ ବାଥୁଡ଼ି ସଂପ୍ରଦାୟର ଲୋକମାନେ ସଭ୍ୟତା ଓ ସମାଜ ସହିତ ତାଳଦେଇ ଗତିକରୁଥିବାରୁ ଗୁଆ ପରିବର୍ତ୍ତେ ନିମନ୍ତ୍ରଣ ପତ୍ର ମାଧମରେ ଏହି କାର୍ଯ୍ୟ ସଂପନ୍ନ କରିଥାନ୍ତି ।

ବାଥୁଡି ସଂପ୍ରଦାୟର ପଥମ ସୋପାନ ହେଉଛି ଗଣ୍ଠିବସା, ପିନ୍ଧାଣି ବା ବୋହୂବରଣୀ ( ଆମେ ଯାହାକୁ ନିର୍ବନ୍ଧ କହୁ)। ବିବାହ ତାରିଖ ସ୍ଥିର ହେବାପରେ ପୁଅ ପକ୍ଷ ନିଜର ସାମର୍ଥ ଅନୁସାରେ ସୁନାର ମୁଦି କିମ୍ବା ହାର, ଚେନ୍ ଝିଅକୁ ଦେଇଥାନ୍ତି ଏହାକୁ ବାଥୁଡ଼ି ସଂପ୍ରଦାୟରେ ପିନ୍ଧାଣି କହିଥାନ୍ତି। ଯାହାକୁ ଆମେ ଏବେ ନିର୍ବନ୍ଧ କହୁଛେ। ଏହି ଗଣ୍ଠିବସା ବା ପିନ୍ଧାଣିକୁ ବାଥୁଡି ସଂପ୍ରଦାୟରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରୂପେ ଗ୍ରହଣ କରାଯାଇଥାଏ। ଏହି କାର୍ଯ୍ୟରେ ବିଘ୍ନଘଟିଲେ ନବଦମ୍ପତିଙ୍କ ଭବିଷ୍ୟତ ଜୀବନ ଦୁଃଖମୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ବରପକ୍ଷରୁ ବୋହୂ ପାଇଁ ଶାଢୀ,କଜ୍ଜଳ,ସିନ୍ଦୂର,ଅଳତା, ଆଇନା,ପାନିଆ ଇତ୍ୟାଦି ପ୍ରଦାନ କରାଯାଇଥାଏ। ବାଥୁଡ଼ି ସଂପ୍ରଦାୟରେ ବିଶ୍ୱାସ ରହିଛି ବୋହୂକୁ ପିନ୍ଧାଣି ସମୟରେ ଯେଉଁ ଶାଢୀ ପ୍ରଦାନ କରାଯାଏ, ସେ ଶାଢୀର ଧଡ଼ି କଳା ହେବା ଉଚିତ୍ ନୁହେଁ କାରଣ କଳା ହେଉଛି ଅଶୁଭର ପ୍ରତୀକ। ବାଥୁଡ଼ି ସଂପ୍ରଦାୟର ପିନ୍ଧାଣୀ ବା ଗଣ୍ଠିବସା କର୍ମ ବ୍ରାହ୍ମଣ ବା ପୁରୋହିତ ଦ୍ୱାରା ସଂପନ୍ନ ହୁଏ ନାହିଁ।ଏହା ସନ୍ଧ୍ୟା ସମୟରେ ଗ୍ରାମର ଦେହୁରୀ କିମ୍ବା ପଧୁରିଆ (ବାଥୁଡ଼ି ସଂପ୍ରଦାୟର ଏକ ବଂଶ, ଏହି ବଂଶର ଲୋକମାନେ ପୁରୋହିତ କାର୍ଯ୍ୟ କରନ୍ତି) ଦ୍ୱାରା ସଂପନ୍ନ ହୋଇଥାଏ । ବରପକ୍ଷରୁ ପ୍ରଦାନ କରାଯାଇଥିବା ସମସ୍ତ ନୂତନ ବସ୍ତ୍ର ବୋହୂ ପରିଧାନ କରି ପୂଜାସ୍ଥାନକୁ ଆସିଥାଏ ଏବଂ ବର ଘର ମୁରବୀ ନେଇଥିବା ଅଳଂକାର ସମସ୍ତଙ୍କ ଉପସ୍ଥିତିରେ ବୋହୂକୁ ପ୍ରଦାନ କରାଯାଏ। ବୋହୂ ବରପକ୍ଷ ଲୋକଙ୍କଠାରୁ ତାହା ଗ୍ରହଣ କରି ପୂଜାଆସ୍ଥାନକୁ ମୁଣ୍ଡିଆମାରିବା ସଙ୍ଗେ ସଙ୍ଗେ ଉପସ୍ଥିତ ଗୁରୁଜନମାନଙ୍କୁ ମୁଣ୍ଡିଆ ମାରିଥାଏ। ଏବେ ଏଥିରେ ବହୁ ପରିବର୍ତ୍ତନ ଦେଖାଦେଇଛି, କିଛି କିଛି ଲୋକ ମନ୍ଦିରରେ ରିଙ୍ଗ୍‌ସେରିମନି କରି ଏହି ପ୍ରଚଳିତ ପରଂପରାର ଖଣ୍ଡନ କରୁଛନ୍ତି ।

ବିବାହ ତାରିଖ ଧାର୍ଯ୍ୟ ହେଲାପରେ ବାଥୁଡ଼ି ସଂପ୍ରଦାୟରେ ବିବାହ ପାଇଁ ପୁଅଘର ଓ ଝିଅ ଘର ପ୍ରସ୍ତୁତି ପର୍ବ ଆରମ୍ଭ କରିଦିଅନ୍ତି। ବିବାହର ପ୍ରଥମ କାର୍ଯ୍ୟ ହେଲା କନିଆଁମଗା, ଏହି ପ୍ରଥା କେଉଁ କାଳରୁ ଏବେ ପର୍ଯ୍ୟନ୍ତ ରହିଆସିଛି। ସାଧାରଣତଃ କନିଆଁମଗା କହିଲେ ବରଘରୁ ଛୋଟ ଛୋଟ ସାତଟି ବଢାରେ ଗୁଆ,ସିନ୍ଦୁର, ଅରୁଆ ଚାଉଳ,କଜଳ,ତାଳପତ୍ର, ଖଇ ଆଦି ସାମଗ୍ରୀ ଦିଆଯାଇଥାଏ। ବର୍ତ୍ତମାନ ସାତଟି ବଢା ନନେଇ କେବଳ ତିନୋଟି ନିଆଯାଉଛି.। କନିଆଁ ମାଗିଯାଉଥିବା ପିଲାମାନଙ୍କ ସହିତ ଦାଣ୍ଡିଆ ବା ମଧସ୍ଥି ଏବଂ ବୟସ୍କ ବ୍ୟକ୍ତି ଯାଇଥାନ୍ତି।ବରର ସାନଭାଇ ଦ୍ୱାରା ହିଁ 'କନିଆଁ ମଗା'କାର୍ଯ୍ୟ ସଂପାଦିତ ହୋଇଥାଏ।ପୂର୍ବେ ବିବାହର ତିନିଦିନ ପୂର୍ବରୁ ଏହି ସବୁ ସାମଗ୍ରୀ ନେଇ ଯାଉଥିଲେ କିନ୍ତୁ ବର୍ତ୍ତମାନ ଗୋଟିଏ ଦିନ ପୂର୍ବରୁ ନେଇ କନିଆଁ ଘରକୁ ଯାଇଥାନ୍ତି। ବାଥୁଡ଼ି ସଂପ୍ରଦାୟରେ ଏହାକୁ ସଜ ମଙ୍ଗଳ କୁହାଯାଏ।କନିଆଁମଗା ଝିଅ ଘର ଅଗଣାରେ ଅନୁଷ୍ଠିତ ହୋଇଥାଏ। ସେହି ଗ୍ରାମର ଦେହୁରୀ ପୂଜା ପଦ୍ଧତି ସମାପ୍ତ କଲାପରେ ବରର ସାନଭାଇ ପୂଜା ସ୍ଥାନରେ ବସି କନିଆଁ କପାଳରେ

ସିନ୍ଦୁର ପିନ୍ଧାଇ ବରଘର ତରଫରୁ ସକ୍ଷମ ମୋତେ ଦିଆଯାଇଥିବା ମୁଦି ହାତରେ ପିନ୍ଧାଇ ଦିଏ । ଏହାକୁ ବାଥୁଡ଼ି ସଂପ୍ରଦାୟର କନିଆଁମଗା କୁହନ୍ତି । ତାପରେ ବାଥୁଡ଼ି ସଂପ୍ରଦାୟର ବିବାହ ପାଇଁ ଯେଉଁ ନୀତି ନିୟମ ବା ପ୍ରଥା ଅଛି ଉଭୟ ପକ୍ଷ ତରାନିଦ୍ଧ କରିଥାନ୍ତି । ବାଥୁଡ଼ି ସଂପ୍ରଦାୟରେ କନିଆଁମଗା ପରେ ଦେଓମଙ୍ଗଳା, ଗନ୍ଧାଦିଆ, କୋଇଲିବୁଡ଼, ମାଟିଖୋଳା,ବେଦୀବନ୍ଧା କାର୍ଯ୍ୟ ହୋଇଥାଏ ।

ବାଥୁଡ଼ି ସଂପ୍ରଦାୟର ବିବାହ ଦିନ ବର ଓ କନିଆଁଙ୍କୁ ଗନ୍ଧାଦେବା ପ୍ରଥା ପ୍ରଚଳିତ ଅଛି । ସନ୍ଧ୍ୟା ସମୟରେ ଏହା ପାଳନ କରାଯାଏ । ବର କନିଆଁଙ୍କ ନିଜ ଅଗଣାରେ ଏହି କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ । ଗନ୍ଧାଦେବା ସ୍ଥାନକୁ ନାଲିମାଟିରେ ଲିପାପୋଛା କରି ଝୋଟି ଚିତା ପକାଇ କଂସାର ଡାଳରଖିଗ୍ରାମର ଦେହୁରୀ ପୂଜା ପାଠ କରିଥାନ୍ତି । ଏହି ପୂଜାପାଠ ପାଇଁ ବ୍ରାହ୍ମଣର ଆବଶ୍ୟକତା ପଡ଼ିନଥାଏ । ପୂଜାପାଠ ପାଇଁ ଅରୁଆ ଚାଉଳ, ସିନ୍ଦୂର, କଜ୍ଜଳ,ହଳଦୀ, ଗନ୍ଧ, ଦୀପ ଇତ୍ୟାଦି ରଖାଯାଇଥାଏ । ଏହା ବ୍ୟତୀତ ଗୋଟିଏ ଶାଳପତ୍ର ଖୋଲିରେ ଧବଳ ବର୍ଣ୍ଣର ଧାନ ମଧ୍ୟ ଥାଏ । ଗ୍ରାମର ଦେହୁରୀ ପୂଜାପାଠ କଲାପରେ ଡାଙ୍ଗୁଆ ଡାଙ୍ଗୁଳି ବର କନ୍ୟାଙ୍କୁ ଆଣି ପୂଜାସ୍ଥାନରେ ଖଲିପତ୍ର ଉପରେ ବସାନ୍ତି । ଗନ୍ଧାଦେବା କର୍ମ ପ୍ରଥମେ ଦେହୁରୀଙ୍କ ଦ୍ୱାରା ସଂପାଦିତ ହୋଇଥାଏ । ତାପରେ ବର ଏବଂ କନିଆଁର ମାଆ, ବାପା ମାଉସୀ, ପିଉସୀ, କାକା, ଖୁଡୀ, ମାମୁଁ, ମାଇଁ, ଭାଇ, ଭାଉଜ,ନାନୀ, ସାଙ୍ଗସାଥି ଏବଂ ସାଇପଡିଶାର ଲୋକମାନେ ଗନ୍ଧାଦେବାକୁ ଆସିଥାନ୍ତି ।ଗନ୍ଧାଦେବା ସମୟରେ ମଧ୍ୟ କିଛି ନିତି ନିୟମ ରହିଛି,ଯେପରିକି ଗନ୍ଧା ଦେଉଥିବା ବ୍ୟକ୍ତି ପ୍ରଥମେ ଧାନ ଖଲିରୁ ଆଞ୍ଜୁଳାଏ ଧାନ ଧରି ବର କନ୍ୟାର ମୁଣ୍ଡ, ଦୁଇକାନ୍ଧ, ଦୁଇ ପାଦରେ ଛୁଆଁଇ ପୁଣି ଧାନ ଖଲିରେ ରଖିଦେବେ । ତାପରେ ଗନ୍ଧା ଚଉପଦିରୁ ବାମହାତ କାନି ଆଙ୍ଗୁଠିରେ ଗନ୍ଧନେଇ ପୂର୍ବପରି ଛୁଆଁଇ ହଳଦୀ ମିଶ୍ରିତ ଅରୁଆ ଚାଉଳ ବର/ କନ୍ୟାଙ୍କ ଉପରକୁ ଫିଙ୍ଗିଦେଇ ପ୍ରଜ୍ୱଳିତ ଦୀପ ସାହାର୍ଯ୍ୟରେ ବନ୍ଦାଇ ଦିଅନ୍ତି । ଏହି ଗନ୍ଧାଦିଆ ପ୍ରକ୍ରିୟା ଚାଲିଥିବା ସମୟରେ ବର/କନ୍ୟାଙ୍କ ପାଖରେ ଉପସ୍ଥିତଥିବା ଡାଙ୍ଗୁଳୀମାନେ ଗନ୍ଧାଦେଉଥିବା ବ୍ୟକ୍ତିଙ୍କୁ ଆକ୍ଷେପ କରି ବ୍ୟଙ୍ଗାତ୍ମକ ଗୀତ ବୋଲିଥାନ୍ତି । ଏହି ଗୀତଗୁଡ଼ିକୁ ବାଥୁଡ଼ି ସଂପ୍ରଦାୟର ଗନ୍ଧାଦିଆ ଗୀତ ନାମରେ ନାମିତ । ଗନ୍ଧାଦିଆ ପର୍ଯ୍ୟାୟରେ ପ୍ରଥମେ ଗନ୍ଧାଦେଇଥାନ୍ତି ଗ୍ରାମର ଦେହୁରୀ କାରଣ ସେ ପୂଜାପାଠ କରିଥାନ୍ତି । ଗ୍ରାମର ଦେହୁରୀ ଗନ୍ଧା ଦେଉଥିଲା ବେଳେ ଉପସ୍ଥିତ ଥିବା ଡାଙ୍ଗୁଳୀଗଣ ତାଙ୍କୁ ଲକ୍ଷ କରି ଗୀତ ଗାଇଥାନ୍ତି ।

ମହୁରୀତ ମହୁରୀ ଡମଘର ମହୁରୀ
ଭଲଭାଲ୍ କରି ଗନ୍ଧା ଦିଅ (୨ଥର)
ମନୁଆ ଦେହୁରୀ ।

କେବଳ ଯେ ଗ୍ରାମର ଦେହୁରୀକୁ ବ୍ୟଙ୍ଗାତ୍ମକ ଆକ୍ଷେପ କରିଥାନ୍ତି ତାନୁହେଁ, ଯେ କେହିବ୍ୟକ୍ତି ଗନ୍ଧା ଦେବାପାଇଁ ଆସିଲେ ତାଙ୍କୁ ବିଭିନ୍ନ ପ୍ରକାର ବ୍ୟଙ୍ଗାତ୍ମକ ଗୀତ ବୋଲିଥାନ୍ତି । ବର/କନ୍ୟାର ମାଆ ଗନ୍ଧାଦେବା ବେଳେ ଗାଇଉଠିଥାନ୍ତି–

ନାଠିତ ନାଠି ବୋଲଇଁ ବନଶୀ ନାଠି ନାଠି
କନିଆଁର ମାଆ ଗନ୍ଧା ଦେଉଛି, କନିଆଁର ମାଆ ଗନ୍ଧା ଦେଉଛି ଗୋ
ପତର ଚାଟି ଚାଟି (୨ଥର)
ଯା ରସ ଯାଆ ଚାଲି ଯାଆରେ । (କନିଆଁର ମାଆ ଉଦ୍ଦେଶ୍ୟରେ)

ଠିକ୍ ସେହି ଭଳି ଅପର ପକ୍ଷରେ ବରର ମାଆ ପୁଅ ବାହାଘର ପାଇଁ ବିଭିନ୍ନ ଚିନ୍ତା କରିବା 'ଲରେ ମୁହଁ ମଳିନପଡ଼ିଯାଇଥାଏ ଗନ୍ଧା ଦେଲା ବେଳେ ଡାଙ୍ଗୁଳୀଗଣ ତାଙ୍କୁ ଲକ୍ଷ୍ୟ କରି ବୋଲିଥାନ୍ତି –

ଝଟିତ ଝଟି ବୋଲଇଁ କୁଳେଇ ଗନି ଝଟି
ପୁଅ ବାହାଘର କରିବ ବୋଲି (୨ଥର)
'ଇଲା କଳାକାଠି
ଯା ରସ ଯାଆ ଚାଲି ଯାଆରେ । (ବରର ମାଆ ଉଦ୍ଦେଶ୍ୟରେ)

ଏହି ଗନ୍ଧାଦେବା ପର୍ବରେ ପୁରୁଷମାନେ ମ୍ଭ ଗନ୍ଧା ଦେଇଥାନ୍ତି । ବର କନିଆଁର ବାପା ଗନ୍ଧା ଦେଉଥିବା ସମୟରେ ତାଙ୍କ ଉଦ୍ଦେଶ୍ୟରେ ବୋଲା ଯାଏ ।

'ଖରକା ତ ଖରକାଗୋ ବାହାର ଖରକା
କନିଆଁର ବାପ ଗନ୍ଧା ଦେଉଛି
କନିଆଁର ବାପ ଗନ୍ଧା ଦେଉଛି ଗୋ
ଗୁଡ଼ଗା ଫେରେକା ଗୋ, ଗୁଡ଼ଗା ଫେରେକା' । (କନିଆଁର ବାପା ଉଦ୍ଦେଶ୍ୟରେ)

ମାଟିଖୋଳାବିବାହ ଉତ୍ସବର ଏକ ମହତ୍ କର୍ମ । ବର ବରଯାତ୍ରୀ ଧରି ବିବାହ କରିବାକୁ ଯିବା ପୂର୍ବରୁ ନିଜ ଘରେ ସ୍ଥାପିତ ହୋଇଥିବା ବେଦୀପାଇଁ ଗ୍ରାମର ନିର୍ଦ୍ଧାରିତ ସ୍ଥାନରୁ ମାଟିଖୋଳି ଆଣିଥାଏ ।ଏହି ନିୟମ ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ହୋଇଥାଏ । ମାଟିଖୋଳିବା ପାଇଁ ଯିବାସମୟରେ ମଧ୍ୟ ବର ବାଜାବଜାଇ ରୋଷଣୀକରି ଯାଇଥାଏ ମାତ୍ର ସାଂପ୍ରତିକ ସମୟରେ ଡିଜେବଜାଇ ନାଚଗୀତ କରି ମାଟିଖୋଳିବା ପାଇଁ ଯାଇଥାଏ । ଅପର ପକ୍ଷେ କନିଆଁ ଘରେ ମଧ୍ୟ ଏସବୁ ବିଧି ପାଳନ ହୋଇଥାଏ । ଏହି ବିଧି ବାଥୁଡ଼ି ସଂପ୍ରଦାୟରେ କେବେଠାରୁ ପ୍ରଚଳିତ ହୋଇ ଆସୁଛି ତାହା କହିବା କଷ୍ଟକରବ୍ୟାପାର । ମାଟିଖୋଳା ପୂର୍ବରୁ ମଧ୍ୟ ଆଉଗୋଟିଏ ପରଂପରାରହିଛି, ତାହା ହେଉଛି ବର ଏବଂ କନିଆଁକୁ ସାହିର ଯୁବତୀମାନେ (ଡାଙ୍ଗୁଳୀମାନେ) ଘରର କିଛି ଦୂରରେ ଗାଧେଇ ଦିଅନ୍ତି ।

ବର କନିଆଁ ଗାଧେଇ ସାରିଲା ପରେ ମାଟିଖୋଳା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ। ବର କନିଆଁଙ୍କୁ ଉଭୟ ପକ୍ଷର ଢାଙ୍ଗୁଆ ଢାଙ୍ଗୁଳୀଙ୍କୁ ସଜବାଜ (ବେଶଭୂଷା) କରିବାକୁ ପଡ଼ିଥାଏ। ସାହିର ଯୁବକ ଯୁବତୀ (ଢାଙ୍ଗୁଆ, ଢାଙ୍ଗୁଳୀ) ବର ମୁଣ୍ଡରେ ପଗଡ଼ି, ମଥାରେ ଚନ୍ଦନ ଟିପା, ବେକରେ ଫୁଲମାଳ, ହାତରେ ରୂପାର କିମ୍ବା ସୁନାର ବଳା ପିନ୍ଧାଇ ସଜ କରିଦିଅନ୍ତି। ଏହା ବ୍ୟତୀତ ହାତରେ ଖିଲିକାତି ବା ନଡ଼ିଆ ଧରିବାର ପରଂପରା ବାଥୁଡ଼ି ସଂପ୍ରଦାୟରେ ରହିଆସିଛି। ଝିଅ ଘରେ ମଧ୍ୟ ଝିଅକୁ ସଜବାଜ କରିବାର ରୀତିନୀତି ରହିଛି। ବର କନିଆଁ ସଜବାଜ ହେଲାପରେ ପ୍ରସେସନ କରି ମାଟିଖୋଳିବାର ନିର୍ଦ୍ଦିଷ୍ଟ ସ୍ଥାନକୁ ବାହାରେ। ଏହି ପ୍ରସେସନରେ ଆତ୍ମୀୟସଜନ, ସାଇପୋଡ଼ିଶା, ବନ୍ଧୁବାନ୍ଧବ, ଯୁବକ ଯୁବତୀ ସମସ୍ତେ ଅଂଶଗ୍ରହଣ କରିଥାନ୍ତି। ବର କନିଆଁ ମାଟିଖୋଳି ଯିବା ସମୟରେ କୋଦାଳ (କୋଡ଼ି), ପୂଜାଡାଲା ଓ ଗୋଟିଏ କୁଲା ମଧ୍ୟ ସଙ୍ଗରେ ନେବାକୁ ପଡ଼ିଥାଏ। ବର/କନିଆଁ ମାଟିଖୋଳି ଯିବା ସମୟରେ ଗାଁ ଦାଣ୍ଡରେ ଉଭୟ ପାଶ୍ୱରେ ଛିଡ଼ା ହୋଇଥିବା ଗୁରୁଜନମାନଙ୍କୁ ପ୍ରଣାମ କରିଥାନ୍ତି ଏ ପରଂପରା ମଧ୍ୟ କେବେଠାରୁ ପ୍ରଚଳିତ ହୋଇ ଆସୁଛି ତାହା ମଧ୍ୟ କହିବା କଷ୍ଟ ସାଧ୍ୟ। ଗ୍ରାମର ନିର୍ଦ୍ଦିଷ୍ଟ ସ୍ଥାନରେ ମାଟିଖୋଳିବାର ଯେଉଁ ପରଂପରା ରହିଛି ସେହି ସ୍ଥାନ ପର୍ଯ୍ୟନ୍ତ ପ୍ରସେସନ୍ ଯାଇଥାଏ। ନିର୍ଦ୍ଦିଷ୍ଟ ସ୍ଥାନରେ ଉପନୀତ ହେବାପରେ ପୂଜାଡାଲାରୁ ଅରୁଆଚାଉଳ ଓ ଗୋଟାଗୁଆ ଥୋଇଦିଆ ଯାଏ। ବର/କନ୍ୟା ଚାରିଦିଗକୁ ପ୍ରଣାମ କଲାପରେ ସାତଜଣ ବର/କନ୍ୟା ସହିତ କୋଦାଳ ବେଣ୍ଟକୁ ଧରି ସାତଥର ମାଟିଖୋଳି କୁଲାକୁ ଉଠାଇଥାନ୍ତି।ମାଟି କୁଲାଟି ଢାଙ୍ଗୁଳୀମାନେ ଧରି ନାଚଗୀତ କରି ବର/କିନିଆଁ ସହିତ ପ୍ରତ୍ୟାବର୍ତ୍ତନ କରନ୍ତି। ବର/କିନିଆଁ ନିଜ ଘରକୁ ବାହୁଡ଼ିବା ସମୟରେ ବରକୁ ସାନଭାଇ ସଂପର୍କିତ ଜଣେ ଯୁବକ କାନ୍ଧରେ କାନ୍ଧାଇ ଘର ପର୍ଯ୍ୟନ୍ତ ଆଣିଥାନ୍ତି। ଠିକ୍ ସେହିପରି କନିଆଁକୁ ମଧ୍ୟ ଜଣେ ଯୁବତୀ କାଖ କରି ଘର ପର୍ଯ୍ୟନ୍ତ ନେଇ ଆସନ୍ତି। ବର/କିନିଆଁ ମାଟି ଖୋଳିବାକୁ ଯିବା ସମୟରେ ଓ ପ୍ରତ୍ୟାବର୍ତ୍ତନ ସମୟରେ ସାହିର ଢାଙ୍ଗୁଳୀମାନେ କିଛି ଗୀତ ଗାନକରିଥାନ୍ତି। ବାଥୁଡ଼ି ସଂପ୍ରଦାୟରେ ଏହି ଗୀତକୁ ମାଟିଖୋଳା ଗୀତ ବୋଲି କୁହାଯାଇଥାଏ। ସଧାରଣତଃ ଢାଙ୍ଗୁଳୀମାନେ ଏହି ଗୀତ ବୋଲିବା ବେଳେ ବର/କିନିଆଁ, ବରକୁ କାନ୍ଧେଇଥିବା ଓ କାଖ କରିଥିବା ପିଲା ପ୍ରତି, ବାଜାବାଣ ଇତ୍ୟାଦି ପ୍ରତି ବ୍ୟଙ୍ଗାତ୍ମକ ଶୈଳୀରେ ଗୀତ ବୋଲିଥାନ୍ତି।

ବିବାହ ପୂର୍ବରୁ ବର ଘରର କୌଣସି ଦାୟିତ୍ୱ ନନେଇ ବୁଲାବୁଲି କରି ବାପା ମାଆଙ୍କ ରୋଜଗାରରେ ଖାଉଥିଲା ସେଥିପ୍ରତି ଦୃଷ୍ଟିଦେଇ ବରକୁ ଆକ୍ଷେପ କରି ଢାଙ୍ଗୁଳୀମାନେ ଗୀତ ବୋଲିଥାନ୍ତି।

'କେତା ତ କେତା ବୋଲଇଁ
ବାଳିଆ ମାଛର କେତା
ବୁଲି ଆସି କରି ଖାଉଥିଲାରେ ମକର (୨ଥ)
ଏଥର ପଶିଲା ଚେତା
ଯା ରସ ଯା ଚାଲିଯାରେ।'

ବରକୁ କାନ୍ଧରେ ବସାଇଥିବା ବ୍ୟକ୍ତି ଯଦି ଦୁର୍ବଳ ହୋଇଥାଏ ଏବଂ ଚାଲିଲାବେଳେ ପାଦ ଟଳମଳ ହେଉଥିଲେପିଲା ପ୍ରତି ଆକ୍ଷେପ କରି ଗୀତ ବୋଲାଯାଇଥାଏ ।

'ବାନା ତ ବାନା ବୋଲଇଁ
ଗଛରେ ଉଡ଼ଇ ବାନା
ବର ଘର ଘୁଳା କରିଛି(୨ଥର) ମକର
କାହୁଁ ଖାଇ ନାହିଁ ଦାନା
ଯା ରସ ଯା ଚାଲିଯାରେ ...।'

ବାଥୁଡ଼ି ସଂପ୍ରଦାୟର ବିବାହରେ ବାଜା,ବାଣର ମ୍ନ ଆୟୋଜନ କରାଯାଇଥାଏ। ବରଘର ସକ୍ଷମମୋତେ ଯେତେ ଉନ୍ନତମାନର ବାଜାବାଣ କରିଥିଲେ ମଧ୍ୟ ବରଘରକୁ ବିଦ୍ରୁପ କରି ପଦେ ଅଧେ ଗୀତ ବୋଲିଥାନ୍ତି। ଯଥା-

'ଖଟ ତ ଖଟ ବୋଲଇଁ
ବୁଣିଗଲି ଖଟ
ବରଘର ବାଜା କରିଛିରେ (୨ଥର).. ମକର
ବାଜଇ ଫଟ ଫଟ (୨ଥର)
ଯା ରସ ଯା ଚାଲିଯାରେ ...।'

ଏହିଭଳି ବାଥୁଡ଼ି ସଂପ୍ରଦାୟର ବହୁଗୀତ ବୋଲାଯାଇଥାଏ। ବର୍ତ୍ତମାନ ଆଧୁନିକତାର ବଶବର୍ତ୍ତୀହୋଇ ଏଇସବୁ ଗୀତ ଲୋପପାଇବାକୁ ବସିଲାଣି।

ବର ମାଟିଖୋଳାରୁ ଫେରିଲା ପରେ ବେଦୀଶାଳରେ ସାତଥର ବୁଲିଆସି ପୂର୍ବଦିଗକୁ ମୁହଁ କରି ଠିଆ ହୁଏ। ବର ପୂର୍ବଦିଗକୁ ମୁହଁ କରି ଛିଡା ହେବା ପରେ ବର ମାଆ କିମ୍ବା ମାଉସୀ ବେଦୀର ମଧ୍ୟ ଭାଗରେ ଓଢଣା ଟାଣି ପୂର୍ବଦିଗକୁ ମୁହଁ କରି ବସନ୍ତି। ବର ନିର୍ଦ୍ଦିଷ୍ଟ ସ୍ଥାନରୁ ଆଣିଥିବା ମାଟିକୁ ବର ସହିତ ଥିବା ଯୁବକ ଯୁବତୀମାନେ ମୁଣ୍ଡ ଉପରେ ଉଜାଡ଼ି ଦିଅନ୍ତି। ଏହା ଦ୍ୱାରା ବାଥୁଡ଼ି ସଂପ୍ରଦାୟର ବିଶ୍ୱାସ ରହିଛି ମା/ମାଉସୀ ମୁଣ୍ଡରୁ ଦାୟିତ୍ୱ ଗଲା । ପୁଅ ମାଟି ତାଡି ତା ସଂସାର ବୁଝିବ। ମାଟି ଉଜାଡିଲାପରେ ଯୁବତୀମାନେ ବେଦୀ ନିର୍ମାଣ କରିଥାନ୍ତି ।

ବାଥୁଡ଼ି ସଂପ୍ରଦାୟର ବେଦୀ ନିର୍ମାଣ ବର୍ତ୍ତମାନର ବେଦୀ ନିର୍ମାଣଠାରୁ ସଂପୂର୍ଣ୍ଣ ନିଆରା। ବାଥୁଡ଼ି ସଂପ୍ରଦାୟର ବେଦୀ ନିର୍ମାଣ ପାଇଁ ମୁଖତଃ ଚାରିଗୋଟି ଡାଳ ବ୍ୟବହୃତ ହୋଇଥାଏ। ଏହି ଚାରିଗୋଟି ଡାଳମଧ୍ୟରୁ ଦୁଇଟି ଶାଳଡାଳ ଓ ଅନ୍ୟ ଦୁଇଟି ଜାମୁଡାଳ। ଏହି ଡାଳ ସଂପର୍କରେ ବିଭିନ୍ନ କଥା ଶୁଣିବାକୁ ମିଳେ ସେଥିମଧ୍ୟରୁ ଗୋଟିଏ ହେଉଛି ଡାଳିପୂଜା ସମୟରେ ବଡାମଶାଳରେ ଶାଳଡାଳ ଆଣି ଏସଂପ୍ରଦାୟର ଲୋକମାନେ ପୂଜା କରିଥାନ୍ତି। ବଡ଼ାମଠାକୁର ଏ ସଂପ୍ରଦାୟର ଇଷ୍ଟଦେବତା ହୋଇଥିବାରୁ ତାଙ୍କୁ ପ୍ରଦାନ କରାଯାଉଥିବା ଶାଳଡାଳ ବେଦୀରେ ଦେବାକୁ ଏସଂପ୍ରଦାୟର ଲୋକମାନେ ଉଚିତ ମଣନ୍ତି। ବେଦୀରେ ଦିଆଯାଇଥିବା ଦୁଇଗୋଟି ଶାଳଡାଳ ବଡାମ ବୁଢା ଓ ବଡାମବୁଢୀର ପ୍ରତୀକ। ଠିକ୍ ସେହିପରି ଜାମୁଡାଳ ଦୁଇଗୋଟି ଇଷ୍ଟବୁଢା ବୁଢୀର ପ୍ରତୀକ। ବିବାହ କର୍ମରେ ଏଭଳି କରିବା ଦ୍ୱାରା ଜାତିର ଇଷ୍ଟଦେବାଦେବୀ ଓ ଗୃହର ଇଷ୍ଟଦେବାଦେବୀ ସନ୍ତୁଷ୍ଟ ହେବା ସହିତ ନବ ଦମ୍ପତିଙ୍କ ମଙ୍ଗଳ ହୁଏ ବୋଲି ବିଶ୍ୱାସ ରହିଛି।

ମାଟିଖେଳା ଓ ବେଦୀବନ୍ଧା ସମାପ୍ତ ହେଲାପରେ ବର ବିବାହ କରିବାକୁ ଝିଅ ଘର ଗାଁକୁ ଯାଏ। ବର ଝିଅ ଘର ଗାଁରେ ପହଂଚିଲେ ବରକୁ ଗାଁ ମୁଣ୍ଡରୁ ବନ୍ଦାପନା କରି ନେବାର ପରଂପରା ରହିଛି। ବନ୍ଦାପନାପରେ ବରଯାତ୍ରୀଗଣ ନାନାଦି ବାଜାବଜାଇ, ରୋଷଣୀ କରି କନିଆଁ ଘର ଅଭିମୁଖେ ଶୋଭାଯାତ୍ରାରେ ଯାଆନ୍ତି। କନିଆଁ ଘରକୁ ବରଯାତ୍ରୀ ଯିବା ସମୟରେ ମଧ୍ୟ ଝିଅ ଘର ଗ୍ରାମର ଯୁବତୀଗଣ ଗୀତ ବୋଲିଥାନ୍ତି। ବରର୍ତ୍ତମାନ ତାହା ଆଉ ବୋଲାଯାଉ ନାହିଁ, ପୂର୍ବେ ଏହା ପ୍ରଚଳିତ ଥିଲା। କନିଆଁ ପକ୍ଷର ଯୁବତୀଗଣ ବରପକ୍ଷ ଆଣିଥିବା ବାଣକୁ ଆକ୍ଷେପ କରି ଗୀତ ଗାଇଥାନ୍ତି। ଯଥା–

'ଝାଇଁ ତ ଛାଇଁ ବୋଲଇଁ, ଚାଉଳ ଭାଜିଲି ଝାଇଁ
ବରଘର ବାଣ ଆଣିଛିରେ ମକର( ୨ଥର)
ଗୁଟେ ଶବଦ ନାହିଁ ( ୨ଥର)
ଯାରସ ଯାଚାଲିଯାରେ ।'

ଏପରି କି ବର ସହିତ ଆସିଥିବା ବରଯାତ୍ରୀଙ୍କୁ ମଧ୍ୟ ଆକ୍ଷେପ କରି ଯୁବତୀଗଣ ଗୀତ ବୋଲିଥାନ୍ତି। ଏହି ଆକ୍ଷେପରେ କୌଣସି ରାଗ, ରୁଷା ଅଭିମାନ ନଥାଏ, ଥାଏ ଏକ ଭଲ ପାଇବା।

'କେଣ୍ଡା ତ କେଣ୍ଡା ବୋଲଇଁ, ଗଙ୍ଗେଇ ଗଛର କେଣ୍ଡା
ବର ସାଙ୍ଗରେ ଆସିଛନ୍ତିରେ ମକର (୨ଥର),
ଚାଲି ନ ଜାଣନ୍ତି ଭେଣ୍ଡା (୨ଥର)
ରସ ଯାଆ ଚାଲି ଯାଆରେ ...।'

ବର ଶୋଭାଯାତ୍ର କରି ଝିଅ ଘରେ ପହଂଚିଲାପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥାଏ। ବିବାହ ବେଦୀରେ ପଧୁରିଆ ମନ୍ତ୍ରପାଠ କରି ବିବାହ ସଂପନ୍ନ କରିଥାନ୍ତି। ମାତ୍ର ଏବେ ପଧୁରିଆ ସ୍ଥାନରେ ବ୍ରାହ୍ମଣମାନେ ବିବାହ କାର୍ଯ୍ୟ କରୁଛନ୍ତି। ବିବାହ ବେଦୀରେ ଖଇ ପୋଡ଼ିବା ସମୟରେ କନ୍ୟାର ସାନଭାଇ ସହଯୋଗ କରିଥାଏ। ବର ସହିତ କନ୍ୟାର ସାନଭାଇ ଏକତ୍ର ଛିଡ଼ାହେବାର ଦୃଶ୍ୟକୁ ଦେଖି ଗ୍ରାମର ଯୁବତୀମାନେ ଗାଇଥାନ୍ତି–

'ନାଠିତ ନାଠି ବୋଲଇଁ
ବନଶୀ ନାଠି ନାଠି
ବରର ଶଳା ଠିଆ ହୋଇଛି (୨ଥର)
ସିଙ୍ଗାଣୀ ଚାଟି ଚାଟି।'

ବର୍ତ୍ତମାନ ବାଥୁଡ଼ି ସଂପ୍ରଦାୟର ବିବାହ ବିଧିରେ ଖଇ ପୋଡ଼ିବା ନିୟମ ରହିଛି, ମାତ୍ର ଏବେ ଆଉ ପୂର୍ବଭଳି ଗୀତ ବୋଲାଯାଉନାହିଁ ।

ବିବାହ ସମାପ୍ତପରେ ବର କନ୍ୟାକୁ କନ୍ୟାପକ୍ଷରୁ ବିଦାୟ ଦିଆଯାଇଥାଏ। ବର କନ୍ୟା ପୁଅଘର ଗ୍ରାମରେ ପହଂଚିଲେ, ବରକୁ ଯେଭଳି କନ୍ୟାଘର ଲୋକମାନେ ଗାଁ ମୁଣ୍ଡରୁ ବନ୍ଦାପନା କରି ପାଛୋଟି ନେଇଥାନ୍ତି ଠିକ୍ ସେହିଭଳି ବରପକ୍ଷମଧ୍ୟ ପୁଅବୋହୂଙ୍କୁ ଗାଁ ମୁଣ୍ଡରୁ ବନ୍ଦାପନା କରି ଘରକୁ ଆଣିଥାନ୍ତି। ମାତ୍ର ଘର ଅଗଣାରେ ପହଂଚିବା ପୂର୍ବରୁ ଗ୍ରାମର ଦେହୁରୀ ଘରର କିଛି ଦୂରରେ ପୂଜାପାଠ କରିଥାନ୍ତି ଏହାକୁ ଧୂଳିଆପୂଜା ବା ବାଟପୂଜା କୁହାଯାଏ। ଏ ପୂଜା କରିବାର ଉଦ୍ଦେଶ୍ୟ ହେଉଛି ବର କନ୍ୟା ରାସ୍ତାରେ ଆସିବା ସମୟରେ ତାଙ୍କ ସହ ଭୂତ ପ୍ରେତ ଇତ୍ୟାଦି ଆସିଥିବେ। ଏହି ପୂଜା କରିବା ଦ୍ୱାର ସେମାନେ କାହାରି ଅନିଷ୍ଟ ଘଟାଇବାକୁ ପ୍ରୟାସ କରିନଥାନ୍ତି। ଏ ବିଶ୍ୱାସ ଏବେ ମଧ୍ୟ ବାଥୁଡ଼ି ସଂପ୍ରଦାୟରେ ପ୍ରଚଳିତ ଅଛି। ତାପରେ ବରକନ୍ୟା ବେଦୀରେ ଚତୁଃପାର୍ଶ୍ୱରେ ସାତବେଢା ବା ସାତ ଥର ବୁଲିଥାନ୍ତି। କିଛିସମୟ ବିଶ୍ରାମ ନେଲାପରେ ବାଥୁଡ଼ି ସଂପ୍ରଦାୟ ପରଂପରା ଅନୁସାରେ ହୋମଛାଲି ଭସାଇବା,ବରକନ୍ୟାଙ୍କ ସାହିବୁଲିବା,କଉଡ଼ିଖେଳ, ବନ୍ଧାଣ, କାଦହାଟି,କାଣ୍ଡବିନ୍ଧା, ନଣଦେଇ ପୁଟୁଲି ମାଗିବା, ବେଦୀଶୀତଳ,ଗୃହପ୍ରବେଶ ଓ କନିଆଁଗତା ପରଂପରା ଅନୁଷ୍ଠିତ ହୋଇଥାଏ।ବନ୍ଧାଣ ଶେଷହେଲେ ବର କନ୍ୟାଙ୍କୁ ସାହିର ଯୁବତୀମାନେ ସ୍ନାନ କରାଇଥାନ୍ତି। ସେମାନେ ଏଥିପାଇଁ ହଳଦୀ, ଗନ୍ଧା ଅଁଳା ପ୍ରସ୍ତୁତ କରି ଉଭୟଙ୍କୁ ସ୍ନାନ କରାଇଥାନ୍ତି। ବରକନ୍ୟା ସ୍ନାନପରେ ଓଦା ଲୁଗାରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ବାଉଁଶର ଧନୁରେ ବର କନ୍ୟା ମଥାରେ ଥିବା କଳସରେ ବୁଡାଇ ସାତଥର ତୀର ମାରିଥାଏ, ଏହାକୁ ବାଥୁଡ଼ି ସଂପ୍ରଦାୟରେ କଣ୍ଡବିନ୍ଧା କହନ୍ତି। ଏହା ଉପରେ ମଧ୍ୟ ବହୁ ଲୋକକଥା ରହିଛି। ଏହି କାର୍ଯ୍ୟ ସମାପ୍ତ ପରେ ବରକନ୍ୟା

ବେଦୀଶୀତଳ କରିଥାନ୍ତି ଓ ଗୃହ ପ୍ରବେଶ କରନ୍ତି । ଶେଷରେ କନ୍ୟା ସାଥିରେ ଆସିଥିବା ଲୋକଙ୍କୁ ଭୋଜିଭାତରେ ଆପାୟିତ କରି ବିଦାୟ ଦେଇଥାନ୍ତି ।

ବର୍ତ୍ତମାନ ଏ ସଂପ୍ରଦାୟର ବିବାହ ପରଂପରାରେ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ଅନ୍ୟ ସମାଜର ପ୍ରଚଳିତ ରୀତିନୀତିକୁ ଉଚିତ ମନେ କରୁଛନ୍ତି । ଯାହା କରଣୀୟ ବା ରକ୍ଷଣୀୟ ତାକୁ ରକ୍ଷା କରିବାକୁ ଏଜାତି ବୀତସ୍ପୃହ ହେଉଛି । ବରଂ ଯାହା କରଣୀୟ ନହେଁ ବା ଗ୍ରଣୀୟ ନହେଁ ତାକୁ ଗ୍ରହଣ କରୁଛି ।

**ସହାୟକ ଗ୍ରନ୍ଥସୂଚୀ :**


ଓଡ଼ିଶା ସାହିତ୍ୟ ଏକାଡେମୀ(ସଂ) — ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସାହିତ୍ୟ ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ, ୨୦୦୪

ନନ୍ଦ ଦୁର୍ଗାମାଧବ — ଆମ ଲୋକ ଗୀତ ଓ ଲୋକ ବାଦ୍ୟ (ସଂ), ଲୋକ ସଂସ୍କୃତି ଗବେଷଣା ପରିଷଦ,ପୁରୀ ପ୍ରଥମ ସଂସ୍କରଣ-୨୦୦୧

ନାଏକ ରାଜକିଶୋର, ନାଏକ ଶରତ ଚନ୍ଦ୍ର — ବାଥୁଡି ଜାତିର ଅଜ୍ଞାତ ଅଧ୍ୟାୟ, ପ୍ରକାଶକ, ବାଥୁଡି ସାଂସ୍କୃତିକ ସମାଜ କେନ୍ଦୁଝର, ୨୦୦୦

ପସାୟତ ଚିତ୍ରସେନ — ଆଦିବାସୀ ମୌଖିକ ସାହିତ୍ୟ ପରଂପରା, (ସଂ) ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର,ଦ୍ୱିତୀୟ ସଂସ୍କରଣ, ୨୦୧୬

ଶତପଥି ରବୀନ୍ଦ୍ର କୁମାର — ବାଥୁଡ଼ି ଲୋକ ସାହିତ୍ୟ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ-୨୦୦୦


❖ ❖ ❖